# ଉନ୍ନତ ଗୋପାଳନ ପାଇଁ ଘାସ ଚାଷ



**ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ସଂଘ, ସମ୍ବଲପୁର ଆନୁକୂଲ୍ୟରେ ବ୍ୟାପକ ଘାସଚାଷ ଅନ୍ୟାନ୍ୟ ଖାଦ୍ୟ ଫସଲର ଅବଶିଷ୍ଟାଂଶକୁ ଉପଚାରିତ କରି ଗୋଖାଦ୍ୟ ଅଭାବ ଦୂର କରିବା ପାଇଁ ବ୍ୟବସ୍ଥା କରାଯାଇଛି ।**

**ଉନ୍ନତ ଗୋପାଳନରେ ଘାସର ମହତ୍ତ୍ୱ :** ତୃଣଜାତୀୟ ଗୋଖାଦ୍ୟ ବା ଘାସ ଗାଈଗୋରୁଙ୍କର ପ୍ରଧାନ ଖାଦ୍ୟ । ଉନ୍ନତ କିସମର ଘାସ ଦୁଗ୍ଧ ଉତ୍ପାଦନ ବୃଦ୍ଧି ସହିତ ଗୋପାଳନ ବ୍ୟବସାୟକୁ ଅଧିକ ଲାଭଜନକ କରିଥାଏ । କାରଣ ସବୁଜ ଘାସରେ ଯଥେଷ୍ଟ ମାତ୍ରାରେ ଶ୍ୱେତସାର, ପୁଷ୍ଟିସାର, ଭିଟାମିନ୍, ଧାତବ ଲବଣ ଭରପୁର ଥିବାରୁ ଦୁଗ୍ଧ ଉତ୍ପାଦନରେ ସହାୟକ ହେବା ସଙ୍ଗେ ସଙ୍ଗେ ଗାଈମାନଙ୍କର ସ୍ୱାସ୍ଥ୍ୟ ବିକାଶ, ପ୍ରଜନନ ଦକ୍ଷତା ତଥା ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧିରେ ସହାୟକ ହୋଇଥାଏ । ବର୍ତ୍ତମାନ ଜନସଂଖ୍ୟା ବୃଦ୍ଧି ହେତୁ ଚାରଣ ଭୂମିଗୁଡ଼ିକ ବିଭିନ୍ନ ଉପାୟରେ ନିୟୋଜିତ ହୋଇଯାଇଛି । ତେଣୁ ଗାଈଗୋରୁଙ୍କର ଘାସର ଆବଶ୍ୟକତା ପୂରଣ କରିବା ପାଇଁ ଘାସ ଚାଷ ହିଁ ଏକମାତ୍ର ବିକଳ୍ପ ପନ୍ଥା । ସମୟ ଅନୁସାରେ ଉତ୍ପାଦିତ ଘାସକୁ ମୁଖ୍ୟତଃ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଇଥାଏ । ଯଥା- ୧. ଋତୁକାଳୀନ ଘାସ ଓ ୨. ବହୁବର୍ଷୀୟ ଘାସ । ସେହିପରି ଘାସରେ ରହିଥିବା ଖାଦ୍ୟସାର ଅନୁସାରେ ଘାସମାନଙ୍କୁ ୨ଟି ବିଭାଗରେ ବିଭକ୍ତ କରାଯାଇଛି । ଯଥା- ୧. ଶସ୍ୟ ଜାତୀୟ ଘାସ - ଅଧିକ ଶ୍ୱେତସାରଯୁକ୍ତ, ୨. ଛୁଇଁ ଜାତୀୟ ଘାସ - ଅଧିକ ପୁଷ୍ଟିସାର ଯୁକ୍ତ । ଗାଈମାନଙ୍କୁ ଉପରୋକ୍ତ ୨ କିସମ ଘାସ ଯଥା - ଶସ୍ୟ ଜାତୀୟ ଘାସ ୨ ଭାଗ ଓ ଛୁଇଁ ଜାତୀୟ ଘାସ ୧ ଭାଗ ହିସାବରେ ଖୁଆଇଲେ ଅଧିକ ଲାଭ ମିଳିଥାଏ ।

**୧. ଋତୁକାଳୀନ ଘାସ ଚାଷ :** ବର୍ଷର ବିଭିନ୍ନ ଋତୁରେ ଅର୍ଥାତ୍ ଗ୍ରୀଷ୍ମ, ବର୍ଷା ଓ ଶୀତ ଋତୁରେ ଚାଷ କରାଯାଉଥିବା ଘାସମାନଙ୍କୁ ଋତୁକାଳୀନ ଘାସ କୁହାଯାଏ । ବର୍ଷାଦିନେ ଶସ୍ୟଜାତୀୟ ଘାସ ଯଥା - ମକା, ସୋରଗମ୍ ବାଜରା ଓ ଛୁଇଁ ଜାତୀୟ ଘାସ ଯଥା- ଗୁଆଁର, ବରଗୁଡ଼ି, ରାଇସ ବିନ ଇତ୍ୟାଦି ଚାଷ କରାଯାଇପାରେ । ସେହିପରି ଶୀତ ଋତୁରେ ଜଳସେଚିତ ଅଞ୍ଚଳରେ ଶସ୍ୟ ଜାତୀୟ ଘାସ ଯଥା- ଯବଧାନଓ ଛୁଇଁ ଜାତୀୟ ଘାସ ବରସିମ୍, ଲୁସର୍ଣ୍ଣ, ଗୁଇନିଜ କେବେଜ୍ ଇତ୍ୟାଦି ଚାଷ କରାଯାଏ ।

**ଚାଷ ପ୍ରଣାଳୀ :** ଅନ୍ୟାନ୍ୟ ଖାଦ୍ୟ ଫସଲ ତୁଳନାରେ ଘାସ ଫସଲ ପାଇଁ ଅପେକ୍ଷାକୃତ କମ୍ ଜଳର ଆବଶ୍ୟକତା ରହିଥାଏ । ଏହି ଫସଲ ପାଇଁ ଉଚ୍ଚା ନିଗିଡ଼ା ଜମି ଚୟନ କରିବା ଆବଶ୍ୟକ । ଜମି ଚୟନ ପରେ ଏହାକୁ ହଳକରି ମାଟିଗୁଣ୍ଡ କରିବା ଓ ଏକର ପ୍ରତି ୧୦୦ କିଗ୍ରା ସୁପର ସାର ୧୫ କିଗ୍ରା ପଟାସ ସାର ୨-୩ ଟ୍ରାକ୍ଟର ଟ୍ରଲି ସଢ଼ା ଗୋବର ଖତ ପ୍ରୟୋଗ କରି ମଞ୍ଜି ବୁଣାଯାଏ । ମାତ୍ର ଶୀତ ଦିନିଆ ବରସିମ, ଲୁସୁର୍ଣ୍ଣ ଘାସ ମଞ୍ଜିକୁ ମାଟି ଗୁଣ୍ଡ କରି ଛୋଟ ପଟାଳି ପ୍ରସ୍ତୁତି କରି ଠିଆ ପାଣିରେ ବୁଣିଲେ ଅଧିକ ଅମଳ ମିଳିଥାଏ । ସମସ୍ତ ଫସଲ ବୁଣିବାର ୨-୩ ସପ୍ତାହ ଅନ୍ତରରେ ଏକ ପ୍ରତି ୧୫-୨୦ କିଗ୍ରା ୟୁରିଆ ସାର ପ୍ରୟୋଗ କରାଯାଏ ଓ ସୋରଗମ୍ ଜାତୀୟ ଘାସ ଯାହାକି ଏକରରୁ ଅଧିକ ଥର ଅମଳ ଦେଇଥାଏ ସେହି କ୍ଷେତ୍ରରେ ପ୍ରତ୍ୟେକ ଅମଳ ପରେ ୟୁରିଆ ସାର ପ୍ରୟୋଗ କରାଯାଏ ଓ ସୋରଗମ୍ ଜାତୀୟ ଘାସ ଯାହାକି ଏକରୁ ଅଧିକ ଥର ଅମଳ ଦେଇଥାଏ ସେହି କ୍ଷେତ୍ରରେ ପ୍ରତ୍ୟେକ ଅମଳ ପରେ ୟୁରିଆ ସାର ପ୍ରୟୋଗ କରିବା ଆବଶ୍ୟକ । ସୋରଗମ୍ ବାଜରା ଇତ୍ୟାଦି ଘାସ ଫୁଲ ଉଠେଇବା ସମୟରେ, ମକା ମଞ୍ଜି କ୍ଷୀର ଡୋକିବା ସମୟରେ ଓ ବରଗୁଡ଼ି ଗୁଆଁର ଫସଲ ଛୁଇଁ ଧରିବା ଅବସ୍ଥାରେ ଅମଳ କରାଯାଇଥାଏ । ବରସିମ୍ ଲୁସର୍ଣ୍ଣ ଇତ୍ୟାଦି ଫସଲ ବୁଣିବାର ୪୫ ରୁ ୬୦ ଦିନ ମଧ୍ୟରେ ପ୍ରଥମ ଅମଳ ମିଳିଥାଏ ଓ ପରବର୍ତ୍ତୀ ପ୍ରତି ୩୦-୩୫ ଦିନ ଅନ୍ତରରେ ୨-୩ ଥର ଘାସ ଅମଳ କରାଯାଇଥାଏ ।

**ଋତୁକାଳୀନ ଘାସ ଚାଷ ପାଇଁ ଆବଶ୍ୟକ ବିହନ ପରିମାଣ ଓ ଘାସ ଉତ୍ପାଦନ ତାଲିକା:-**

| ଘାସର ନାମ | ଏକର ପ୍ରତି ଆବଶ୍ୟକ ବିହନ ପରିମାଣ | ଏକ ପ୍ରତି ଅମଳ ପରିମାଣ |
|---|---|---|
| ମକା | ୨୦ କି.ଗ୍ରା. | ୧୨୦ କ୍ୱିଣ୍ଟାଲ |
| ସୋରଗମ୍ | ୨୦ କି.ଗ୍ରା. | ୧୫୦ କ୍ୱିଣ୍ଟାଲ |
| ବାଜରା | ୧୦ କି.ଗ୍ରା. | ୧୦୦ କ୍ୱିଣ୍ଟାଲ |
| ଯବଧାନ | ୪୦ କି.ଗ୍ରା. | ୧୨୦ କ୍ୱିଣ୍ଟାଲ |
| ବରଗୁଡ଼ି | ୧୫ କି.ଗ୍ରା. | ୮୦ କ୍ୱିଣ୍ଟାଲ |
| ଗୁଆଁର | ୧୦ କି.ଗ୍ରା. | ୮୦ କ୍ୱିଣ୍ଟାଲ |
| ବରସିମ | ୧୦ କି.ଗ୍ରା. | ୧୦୦ କ୍ୱିଣ୍ଟାଲ |
| ଲୁସର୍ଣ୍ଣ | ୧୦ କି.ଗ୍ରା. | ୧୨୦ କ୍ୱିଣ୍ଟାଲ |
| ଚାଇନିଜ କେବେଜ | ୪ କି.ଗ୍ରା. | ୮୦ କ୍ୱିଣ୍ଟାଲ |

**୨. ବହୁ ବର୍ଷୀୟ ଘାସ ଚାଷ:** ଯେଉଁ ଘାସ ଫସଲ ଜମିରେ ଥରେ ରୋପଣ କଲେ ତାହା କ୍ରମାଗତ ଭାବେ ୪-୫ ବର୍ଷ ପର୍ଯ୍ୟନ୍ତ ଅମଳ ଦେଇଥାଏ, ତାହାକୁ ବହୁ ବର୍ଷୀୟ ଘାସ କୁହାଯାଏ । କେତେକ ପ୍ରଧାନ ବହୁ ବର୍ଷୀୟ ଘାସ ଫସଲଗୁଡ଼ିକ ହେଲା- ଶଙ୍କରହାତିଆ, ଗିନି, ପାରା, କଙ୍ଗୋସିଗନାଲ, ଷ୍ଟାଇଲୋ, ସିରାଟ୍ରୋ, ସେଣ୍ଟ୍ରୋସିମା ଇତ୍ୟାଦି । ଅନ୍ୟାନ୍ୟ ଫସଲ ପରି ଜମି ପ୍ରସ୍ତୁତି ସମୟରେ ଏକର ପ୍ରତି ୨-୩ ଟ୍ରାକ୍ଟର ଟ୍ରଲି ସଢ଼ା ଗୋବର ଖତ, ୧୦୦ କି.ଗ୍ରା. ସିଙ୍ଗଲ ସୁପର ଫସଫେଟ ୧୫ କି.ଗ୍ରା ପଟାସ ସାର ପ୍ରୟୋଗ କରାଯାଏ । ଶଙ୍କର ହାତିଆ, ଗିନି, ପାରା ଇତ୍ୟାଦି ଘାସର ମୂଳ ବା କାଣ୍ଡ ଧାଡ଼ିରେ ରୋପଣ କରାଯାଏ । ଶଙ୍କର ହାତିଆ, ଗିନି ଇତ୍ୟାଦି ଉଚ୍ଚ ନିଗିଡ଼ା ଜମିରେ ଓ ପାରା ସନ୍ତସନ୍ତିଆ ଖାଲୁଆ ଜମିରେ ଭଲ ବଢ଼ିଥାଏ । ମୂଳ ବା କାଣ୍ଡ ରୋପଣର ୨-୩ ସପ୍ତାହ ପରେ ଓ ପ୍ରତ୍ୟେକ ଅମଳ ପରେ ଏକର ପିଛା ୧୦-୨୦ କି.ଗ୍ରା. ୟୁରିଆ ସାର ପ୍ରୟୋଗ କଲେ ଅଧିକ ଅମଳ ମିଳିଥାଏ । ପ୍ରାୟ ୨ ମାସରେ ପ୍ରଥମ ଅମଳ ଓ ପ୍ରତି ୪୫-୫୦ ଦିନ ଅନ୍ତରରେ ପ୍ରାୟ ୪-୫ ବର୍ଷ ପର୍ଯ୍ୟନ୍ତ ଘାସ ଅମଳ ମିଳିଥାଏ । ଷ୍ଟାଇଲୋ, ସିରାଟ୍ରୋ, ବହୁ ବର୍ଷୀୟ ଲୁସର୍ଣ୍ଣ

ଇତ୍ୟାଦି ଘାସ ମଞ୍ଜିବୁଣା ଯାଇଥାଏ ଓ ଏଥିରୁ ବର୍ଷକୁ ୩-୪ ଥର ଘାସ ଉତ୍ପାଦନ ମିଳିଥାଏ । ଶଙ୍କର ହାତିଆ ଘାସରେ ଜଳସେଚନର ଆବଶ୍ୟକତା ଥିଲା ବେଳେ ଅନ୍ୟ ବହୁ ବର୍ଷୀୟ ଘାସ କିସମଗୁଡ଼ିକ ମରୁଡ଼ି ସହଶୀଯୁକ୍ତ ଅଟନ୍ତି ।

**ବହୁ ବର୍ଷୀୟ ଘାସ ଚାଷ ପାଇଁ ଆବଶ୍ୟକ ବିହନ ପରିମାଣ ଓ ଘାସ ଉତ୍ପାଦନ ତାଲିକା:-**

| ଘାସର ନାମ | ଏକର ପ୍ରତି କାଣ୍ଡ/ମୂଳ/ ମଞ୍ଜିର ପରିମାଣ | ଏକ ପ୍ରତି ଅମଳ ପରିମାଣ (କ୍ୱିଣ୍ଟାଲ) |
|---|---|---|
| ଶଙ୍କର ହାତିଆ | ୧୦,୦୦୦ ଖଣ୍ଡ | ୩୫୦-୪୦୦ |
| ଗିନି | ୧୨,୦୦୦ ଖଣ୍ଡ | ୨୫୦ |
| ପାରା | ୨୦,୦୦୦ ଖଣ୍ଡ | ୩୦୦ |
| କଙ୍ଗୋସିଗ୍ନାଲ | ୧୫,୦୦୦ ଖଣ୍ଡ | ୨୫୦ |
| ଲୁସର୍ଣ୍ଣ | ୧୦ କି.ଗ୍ରା. | ୨୫୦ |
| ଷ୍ଟାଇଲୋ, ସିରାଟ୍ରୋ | ୫ କି.ଗ୍ରା. | ୨୦୦ |
| ସେଣ୍ଟ୍ରୋସିମା | ୫ କି.ଗ୍ରା | ୧୫୦ |

**୩. ନଡ଼ାର୍ ଖାଦ୍ୟଗୁଣ ବୃଦ୍ଧି ପାଇଁ ଉପଚାର୍ :** ଓଡିଶାରେ ବହୁଳ ପରିମାଣ ଧାନ ଚାଷ ହୋଇଥାଏ, ତେଣୁ ନଡ଼ା ବର୍ଷସାରା ସୁଲଭ ମୂଲ୍ୟରେ ମିଳିଥାଏ । ଅନ୍ୟ ପକ୍ଷେ ଗାଈଗୋରୁଙ୍କ ପାଇଁ ଯଥେଷ୍ଟ ପରିମାଣରେ ଘାସ ମିଳୁ ନ ଥିବାରୁ ଲୋକେ ବର୍ଷସାର ନଡ଼ା ଖୁଆଇ ଗୋପାଳନ କରିଥାନ୍ତି । ମାତ୍ର ନଡ଼ା ଏକ ନିକୃଷ୍ଟ ଧରଣର ଗୋଖାଦ୍ୟ କାରଣ ଏଥିରେ ପ୍ରାୟ ୦.୫% ସୁପାଚ୍ୟ ପୁଷ୍ଟିସାର ରହିଛି । ନଡ଼ାରେ ତନ୍ତୁଜାତୀୟ ଲିଗ୍ନିନ ଓ ଶ୍ୱେତସାର ଜାତୀୟ ହେମିସେଲ୍ୟୁଲୋଜ ଥିବାରୁ ଏହା ନଡ଼ାକୁ ଶକ୍ତ ବା ଟାଉଁଶିଆ କରିଥାଏ । ଏଥିରେ ଖଣିଜ ଲବଣ, ଭିଟାମିନର ମାତ୍ରା ମଧ୍ୟ ଖୁବ୍ କମ୍ ତା ଛଡ଼ା ନଡ଼ାରେ ଥିବା ଅକ୍ସାଲିକ ଅମ୍ଳ ଗାଈ ଗୋରୁଙ୍କ ପାଇଁ ଅତ୍ୟନ୍ତ କ୍ଷତିକାରକ । ଏଣୁ ନଡ଼ାର ଖାଦ୍ୟ ଗୁଣ ବୃଦ୍ଧି ପାଇଁ ବିଭିନ୍ନ ପ୍ରକାର ଉପଚାର ପଦ୍ଧତି ରହିଛି । ଉପଚାରିତ ନଡ଼ା କାଇବା ଦ୍ୱାରା ଗାଈଗୋରୁଙ୍କ ସ୍ୱାସ୍ଥ୍ୟ ଠିକ୍ ରହିବା ସହିତ ଚାଷୀ ମଧ୍ୟ ଲାଭବାନ ହୋଇଥାଏ ।

**କ. ଭିଜା ନଡ଼ା ପଦ୍ଧତି :** ଏହି ପଦ୍ଧତିରେ ନଡ଼ାକୁ ଖଣ୍ଡ ଖଣ୍ଡ କରି କାଟି ସ୍ୱଚ୍ଛ ପାଣିରେ ୫-୬ ଘଣ୍ଟା ଭିଜାଇ ଦେଲେ ସେଥିରୁ ଅକ୍ସାଲିକ ଅମ୍ଳ ବାହାରିଯାଏ ଓ ନଡ଼ାର ଖାଦ୍ୟ ଗୁଣ ଅନେକାଂଶରେ ବୃଦ୍ଧି ହୋଇଥାଏ ।

**ଖ. କ୍ଷାର୍ ପାଣି ଉପଚାର୍ :** ଏକ କ୍ୱିଣ୍ଟାଲ କଟା ନଡ଼ା ପାଇଁ ୧୦ ଲିଟର ସ୍ୱଚ୍ଛ ପାଣି ଓ ୧୨୫ ଗ୍ରାମ କ୍ଷାର ସୋଡା ଦ୍ରବଣରେ ରାତିସାରା ବତୁରାଇ ଦେଲେ ନଡ଼ାର ଅକ୍ସାଲିକ ଅମ୍ଳ କମିବା ସହିତ ସମୁଦାୟ ସୁପାଚ୍ୟ ଖାଦ୍ୟସାର ମଧ୍ୟ ବୃଦ୍ଧି ପାଇଥାଏ ।

**ଗ. ୟୁରିଆ ଉପଚାର୍ :** ଏକ କ୍ୱିଣ୍ଟାଲ କଟାନଡ଼ାକୁ ୪ କେ.ଜି ୟୁରିଆ ଓ ୪୦ ଲିଟର ପାଣିର ଦ୍ରବଣରେ ଭଲ ଭାବରେ ସିଞ୍ଚନ କରାଯାଇଥାଏ । ଏହା ପରେ ନଡ଼ାକୁ ଗୋଟିଏ ଜରିରେ ଘୋଡ଼େଇ ବାୟୁରୁଦ୍ଧ ଅବସ୍ଥାରେ ୩ ସପ୍ତାହ ରଖିବାକୁ ପଡ଼ିଥାଏ । ଏହାକୁ ବାହାର କରି ଘଣ୍ଟାଏ ଖୋଲା ପବନରେ ରଖିଲେ ଏଥିରୁ ବିଷାକ୍ତ ଗ୍ୟାସ ବାହାରିଥାଏ ଓ ତାହା ପରେ ଖାଇବାକୁ ଦିଆଯିବା ଉଚିତ୍ । ଏହି ଉପଚାର ଫଳରେ ନଡ଼ାର ସୁପାଚ୍ୟ ପୁଷ୍ଟିସାର ୫% ଓ ସମୁଦାୟ ସୁପାଚ୍ୟ ଖାଦ୍ୟ ସାର ୪୦ ରୁ ୫୦%କୁ ବୃଦ୍ଧି ପାଇଥାଏ ।

**ଘ. ୟୁରିଆ ରାବଗୁଡ ଉପଚାର୍ :** ଏହି ପ୍ରଣାଳୀରେ ଏକ କ୍ୱିଣ୍ଟାଲ କଟା ନଡ଼ା ପାଇଁ ୨ କି.ଗ୍ରା. ୟୁରିଆ ୧୦ କି.ଗ୍ରା. ରାବଗୁଡ, ୧ କି.ଗ୍ରା. ଖଣିଜ ଲବଣ, ୧ କି.ଗ୍ରା ଲୁଣ ଓ ୩୦ ଗ୍ରାମ ଭିଟାମିନ୍-ସି ଆବଶ୍ୟକ । ୟୁରିଆ ଗୁଡ ଇତ୍ୟାଦିକୁ ୨୫ ଲିଟର ସଫା ପାଣିରେ ଗୋଳେଇ ନଡ଼ା ଉପରେ ସିଞ୍ଚନ କରାଯାଏ । ଏହି ଉପଚାର ଫଳରେ ନଡ଼ାରେ ଖାଦ୍ୟଗୁଣ ବଢ଼ି ଏହା ଏକ ଉତ୍ତମ ଗୋ-ଖାଦ୍ୟରେ ପରିଣତ ହୋଇଥାଏ ।

**୪. ଦାନା ଖୁଆଇବା କୁଣ୍ଡର୍ ବ୍ୟବହାର୍ :** ଚାଷୀମାନେ ମୁଖ୍ୟତଃ ନଡ଼ା ଓ ସବୁଜ ଘାସକୁ ଗୁହାଳ ଚଟାଣରେ ବିଛାଇ ଗାଈଗୋରୁଙ୍କୁ ଖାଇବାକୁ ଦିଅନ୍ତି । ଏହା ଦ୍ୱାରା ଖାଦ୍ୟ ସହିତ ରୋଗ ଜୀବାଣୁ ଗାଈଗୋରୁଙ୍କ ଶରୀରକୁ ପ୍ରବେଶ କରନ୍ତି ଓ ଏହି ପ୍ରଣାଳୀ ଦ୍ୱାରା ୩୦-୫୦% ନଡ଼ା ଓ ଘାସ ନଷ୍ଟ ହୋଇଥାଏ । ତେଣୁ ଚାଷୀମାନେ ନଡ଼ା ଓ ଘାସକୁ କାଟି ଦାନା କୁଣ୍ଡରେ ଖାଇବାକୁ ଦେଲେ ଗାଈମାନେ ଆଗ୍ରହ ସହକାରେ ଗ୍ରହଣ କରନ୍ତି ଓ ଏହା ଦ୍ୱାରା ନଡ଼ା ଓ ଘାସ ନଷ୍ଟ ହେବାର ସମ୍ଭାବନା କମ୍ ହୋଇଥାଏ ।

**୫. ପୁଆଳ କଟା ଯନ୍ତ୍ର ବା ଚାଫ୍‌କଟର୍ ବ୍ୟବହାର୍ :** ଗୋପାଳକ ସାଧାରଣତଃ ନଡ଼ା ଓ ଘାସ ଗୋଟା ହିସାବରେ ଗାଈକୁ ଦେଇଥାନ୍ତି । ଗୋଟା ଘାସ ଓ ନଡ଼ା ଚୋବାଇ ହଜମ କରିବା ପାଇଁ ପଶୁ ଅଧିକ ଶକ୍ତି ଓ ସମୟ ବିନିଯୋଗ କରିଥାଏ, ତଥା ନଡ଼ା ଓ ଘାସରେ ମହଜୁଦ ଖାଦ୍ୟ ସାରର ସଠିକ୍ ବିନିଯୋଗ ହୋଇ ନଥାଏ । ତେଣୁ ନଡ଼ା ଓ ଘାସକୁ ଚାଫକଟର ଦ୍ୱାରା କୁଟି କରି ଗାଈମାନଙ୍କୁ ଖାଇବାକୁ ଦେଲେ ସେମାନେ ଆଗ୍ରହ ସହକାରେ ଗ୍ରହଣ କରିଥାନ୍ତି ଓ ସହଜରେ ଖାଦ୍ୟ ହଜମ ହୋଇଥାଏ । ତେଣୁ ଚାଷୀ ନଡ଼ା କଟା ଯନ୍ତ୍ର ବ୍ୟବହାର କରିବା ଉଚିତ୍ ।


ସୌଜନ୍ୟ :

omfed

**ସମଲେଶ୍ୱରୀ ଆଞ୍ଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ**

**ସମ୍ବଲପୁର**

SAMUL